# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 September - 2024**

**News Editor :*Tapan Kumar Maharana***

******************************

## ମୁଖ୍ୟ ସମ୍ବାଦ

- ରାଜ୍ୟକୁ କୁପୋଷଣ ମୁକ୍ତ କରିବା ପାଇଁ ପ୍ରତି ଗାଁରେ ଜନସଚେତନତା ସୃଷ୍ଟି କରାଯିବ କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

- ରାଜ୍ୟରେ କାମଧେନୁ ଯୋଜନାରେ ୧୫ ଲକ୍ଷ ଗୋପାଳକ ଉପକୃତ ହେବେ, ସୂଚନା ଦେଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ

- ସମବାୟ ସମିତିର ସଶକ୍ତିକରଣ ପାଇଁ ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଲା ଦୁଇଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ

ଏବଂ

- ରାଜ୍ୟରେ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

*I&PR*

## ରାଜ୍ୟସ୍ତରୀୟ ପୋଷଣ ମାସ

ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ପାଇଁ ପ୍ରତି ଗାଁରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱର ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ପୋଷଣ ମାସ ଉତ୍ସବ ଯୋଗଦେଇ ସେ କହିଛନ୍ତି, ତୃଣମୂଳ ସ୍ତରର କର୍ମକର୍ତ୍ତା ପୋଷଣ ଅଭିଯାନର ଯୋଦ୍ଧା ହେବେ। ଜିଲ୍ଲାସ୍ତରରେ ଅପପୁଷ୍ଟି ସମସ୍ୟାର କାରଣ ଓ ନିରାକରଣ ବିଷୟ ଉପରେ ବିଶେଷ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ମଧ୍ୟମ ପୁଷ୍ଟିହୀନତାକୁ ରାଜ୍ୟରୁ ସମ୍ପୂର୍ଣ୍ଣଭାବେ ମୂଳପୋଛ କରିବା ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ଢାଞ୍ଚା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ପୋଷଣ ପାଇଁ ଆଞ୍ଚଳିକ ଖାଦ୍ୟ ସହ ଖାଦ୍ୟ ବିବିଧତାକୁ ପ୍ରାଧାନ୍ୟ ଦିଆଯିବ।

ଏହି ଅବସରରେ ସେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ସାମଗ୍ରୀ ଓ ଖାଦ୍ୟ ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ।

*I&PR*

## କାମଧେନୁ ଯୋଜନା

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ ଆଜି ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନର

ନବୀକୃତ ସମ୍ମିଳନୀ ଗୃହକୁ ଉଦ୍‌ଘାଟନ କରିଛନ୍ତି। ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଏହି ସମ୍ମିଳନୀ ଗୃହ ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଓ ତାଲିମ କାର୍ଯ୍ୟକ୍ରମ ସମ୍ପ୍ରସାରଣରେ ଯଥେଷ୍ଟ ସହାୟକ ହେବ ବୋଲି ଏହି ଅବସରରେ ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ପ୍ରାଣୀ ପାଳକମାନଙ୍କ କଲ୍ୟାଣ ପାଇଁ ସରକାର କାମଧେନୁ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଗୋସମ୍ପଦର ବିକାଶ ଏବଂ ଗୋପାଳକଙ୍କ ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ। ପ୍ରାୟ ୧୫ ଲକ୍ଷ ଗୋପାଳକ କାମଧେନୁ ଯୋଜନାରେ ଉପକୃତ ହେବେ। ଏଥିରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

***I&PR***

## ପରିବହନ ଭିତ୍ତିଭୂମି

ରାଜ୍ୟର ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଧିକ ଅଭିନବ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଆୟୋଜିତ ବୈଠକରେ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଶ୍ରୀ ଜେନା ବିଭିନ୍ନ ପରିବହନ କାର୍ଯ୍ୟକ୍ଷମ ମଡେଲ, ନୂତନ ପଦକ୍ଷେପ ଏବଂ ଉଭୟ ରାଜ୍ୟରେ ପରିବହନ ବିକାଶ ଦିଗରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ରାଜ୍ୟ

ସଡ଼କ ଓ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ କୁମାର ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ ।

ସୂଚନା ଅନୁସାରେ, ଚେନ୍ନାଇ ଗସ୍ତ ଅବସରରେ ଶ୍ରୀ ଜେନା ମାନ୍ଦ୍ରାଜ ଉତ୍କଳ ଆସୋସିଏସନ୍‌ର ବାର୍ଷିକ ଉତ୍ସବ ତଥା ଉତ୍କଳ ଦିବସ ପାଳନ ସମାରୋହରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି, ଓଡ଼ିଶାକୁ ଏକ ପ୍ରଭାବୀ ଆର୍ଥିକ ଶକ୍ତିରେ ପରିଣତ କରିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଓଡ଼ିଆମାନେ ଏହି ବିକାଶ ଯାତ୍ରାରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ ।

*Puri*

## ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ

ପୁରୀରେ ଆଜି ଗୃହ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା । ସ୍ଥାନୀୟ ସର୍କିଟ ହାଉସରେ କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଆଇନଶୃଙ୍ଖଳା ସ୍ଥିତିର ଅନୁଧ୍ୟାନ ଓ ସମୀକ୍ଷା କରାଯାଇଥିଲା । କମିଟିର ସଦସ୍ୟମାନେ ଜିଲ୍ଲା କାରାଗାର ସମେତ ସାମୁଦ୍ରିକ ଥାନା ଭିତ୍ତିଭୂମିର ମଧ୍ୟ ତଦାରଖ କରିଥିଲେ ।

*I&PR*

## ନିମ୍ନମାନର ଛତୁଆ ଅଭିଯୋଗ

ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ନିମ୍ନମାନର ଛତୁଆ ଦିଆଯାଉଥିବା ଅଭିଯୋଗ ଆସିବା ପରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ

ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସରକାର ଅପପୁଷ୍ଟିମୁକ୍ତ ଓଡ଼ିଶା ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆଗକୁ ଛତୁଆ ବଦଳରେ ବିଭିନ୍ନ ଅଞ୍ଚଳର ଖାଦ୍ୟପେୟ ଅନୁଯାୟୀ ପିଲାଙ୍କୁ ଖାଦ୍ୟ ଦିଆଯିବ ବୋଲି ସେ କହିଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ଛତୁଆ ବଦଳରେ ମାଣ୍ଡିଆ ଦେବା ପାଇଁ ବିଚାର କରାଯାଉଛି। ପୁଷ୍ଟିକର ଛତୁଆ ପ୍ରସ୍ତୁତି ଲାଗି ଆଗକୁ ପ୍ରଶିକ୍ଷଣ ଦିଆଯିବ। ଏ ନେଇ ବିଶେଷଜ୍ଞମାନେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

***BBSR***

## ସମବାୟ ସଶକ୍ତିକରଣ ବୈଠକ

ସମବାୟ ସମିତିର ସଶକ୍ତିକରଣ ପାଇଁ ଆଜିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ ସ୍ତରୀୟ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ଶାସନ ସଚିବ ଆଶିଷ ଭୁଟାନୀ ବୈଠକକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଭୁଟାନୀ ସମବାୟ ସଶକ୍ତିକରଣ କ୍ଷେତ୍ରରେ ନିଆଯାଉଥିବା ଅନେକ ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ନିକଟରେ ପହଁଞ୍ଚିବା ଆବଶ୍ୟକ। ପ୍ରାଥମିକ କୃଷି ସମବାୟ ସମିତିର ସଶକ୍ତିକରଣ ଉପରେ ଗୁରୁତ୍ୱ ଦେବା ସହ ଶ୍ରୀ ଭୁଟାନୀ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ଧାର୍ଯ୍ୟ ସମୟ ମଧ୍ୟରେ ପୂରଣ କରିବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ସମସ୍ତ ରାଜ୍ୟ ଓ ଚାରୋଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିଙ୍କ ସମେତ ଜାତୀୟ ଦୁଗ୍ଧ ବୋର୍ଡ, ମତ୍ସ୍ୟ ବୋର୍ଡ, ବିଭିନ୍ନ ରାଜ୍ୟର ସମବାୟ ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ନାବାର୍ଡର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି ।

*PIB*

## ବାୟୋ-ଇଥ୍ରୀ ନୀତି

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ– ପିଆଇବି ପକ୍ଷରୁ ଆଜି ଭୁବନେଶ୍ୱରରେ କେନ୍ଦ୍ର ସରକାରଙ୍କ ବାୟୋ-ଇଥ୍ରୀ ନୀତି ଉପରେ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଅର୍ଥବ୍ୟବସ୍ଥା, ପରିବେଶ ଓ ନିଯୁକ୍ତି ପାଇଁ ଜୈବ ପ୍ରଯୁକ୍ତିର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଛନ୍ତି, ବାର୍ତ୍ତାଳାପ ଜରିଆରେ ବିଜ୍ଞାନ ଭିତ୍ତିକ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଲୋକଙ୍କ ନିକଟରେ ପହଁଞ୍ଚାଇବା ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ  ଶ୍ରୀ ମିଶ୍ର ବାୟୋ-ଇଥ୍ରୀ ନୀତିର ଅଧିକ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ସୂଚନା ଅନୁସାରେ, କେନ୍ଦ୍ର କ୍ୟାବିନେଟ୍ ଗତ ଅଗଷ୍ଟ ୨୪ ତାରିଖରେ ବାୟୋ-ଇଥ୍ରୀ ନୀତିକୁ ମଞ୍ଜୁରୀ ପ୍ରଦାନ କରିଥିଲେ ।

*Desk*

## ମିଥୁନ-ଦାଦା ସାହେବ ଫାଲ୍‌କେ ପୁରସ୍କାର

ବରିଷ୍ଠ ସିନେମା ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ୨୦୨୨ ବର୍ଷ ପାଇଁ ସମ୍ମାନଜନକ ଦାଦା ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯିବ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ନେଇ ଘୋଷଣା କରିଛନ୍ତି। ଶ୍ରୀ ଚକ୍ରବର୍ତ୍ତୀ ଜଣେ ପ୍ରତିଷ୍ଠିତ ଭାରତୀୟ ଅଭିନେତା, ନିର୍ମାତା ଏବଂ ରାଜନେତା। ତାଙ୍କର ବହୁମୁଖୀ ଭୂମିକା ଏବଂ ଭିନ୍ନ ନୃତ୍ୟଶୈଳୀ ପାଇଁ ସେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି।

ସୂଚନା ଅନୁସାରେ, ଆସନ୍ତା ୮ ତାରିଖରେ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ।

*Puri*

## ହବିଷ୍ୟାଳୀ ଯୋଜନା

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ହବିଷ୍ୟାଳୀ ଯୋଜନାରେ ୨ ହଜାର ୫୦୦ ହବିଷ୍ୟାଳୀଙ୍କ ପାଇଁ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ହବିଷ୍ୟାଳୀ ଯୋଜନାକୁ ଅନୁମତି ମିଳିଛି। ଆସନ୍ତା ମାସ ୧୮ ତାରିଖରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବାକୁ ଥିବାବେଳେ ଆସନ୍ତା ସପ୍ତାହରୁ ହବିଷ୍ୟାଳୀ ଯୋଜନା ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଅନ୍ୟପକ୍ଷରେ ଭକ୍ତମାନଙ୍କଠାରୁ

ସଂଗୃହୀତ ହୋଇଥିବା ଅର୍ପଣ ଚାଉଳକୁ ଟେଣ୍ଡର ମାଧ୍ୟମରେ ନିଲାମ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଛି ।

***BHK***

## ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ମୌଳିକ ସାକ୍ଷରତା ଏବଂ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷାନୀତି ଆଧାରରେ ନିପୁଣ ଓଡ଼ିଶା ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କରେ କହିଥିଲେ । ପ୍ରାରମ୍ଭିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀ, ପିତା-ମାତା ଓ ଶିକ୍ଷା ଅଧିକାରୀଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା ।

***Rayagada/Sambalpur/Boudh/Nayagada/Ganjam***

## ଜନଶୁଣାଣି ଅଭିଯୋଗ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରେ ମିଳିତ ଜନଶୁଣାଣି ଶିବିରରେ ୨୫୮ଟି ଅଭିଯୋଗ ମଧ୍ୟରୁ ୬୨ଟିର ସମାଧାନ କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହି ଅବସରରେ ୪୧୮ ଜଣଙ୍କୁ ଭତ୍ତା ଓ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି ।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ ଶିବିରରେ ୨୩୯ଟି ଅଭିଯୋଗ ମଧ୍ୟରୁ ୧୮୪ଟି ଅଭିଯୋଗର ସମାଧାନ କରାଯାଇଛି ।

ଶିବିରରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ବୌଦ୍ଧ ଜିଲ୍ଲା ବହିରାଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୧୫୦ଟି ଅଭିଯୋଗ ମଧ୍ୟରୁ ୪୫ଟି ଅଭିଯୋଗର ସମାଧାନ କରାଯାଇଛି। ସେହିପରି ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦର ମହକୁମାସ୍ଥିତ ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଶିବିରରେ ୬୮ଟି ଅଭିଯୋଗର ସମାଧାନ କରାଯାଇଥିବା ଜଣାପଡ଼ିଛି।

ସମ୍ବଲପୁର ଝୁଝୁମରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୭୧ଟି ଆବେଦନ ମଧ୍ୟରୁ ୧୨ଟି ଅଭିଯୋଗର ଶୁଣାଣି କରାଯାଇଛି।

***Boudh***

## ଦୁର୍ଗାପୂଜା-ବୌଦ୍ଧ

ବୌଦ୍ଧ ଜିଲ୍ଲାରେ ଚଳିତ ବର୍ଷ ଦୁର୍ଗା ପୂଜାରେ ଏକ ସଙ୍ଗେ ଭସାଣୀ ଯାତ୍ରା କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୌଦ୍ଧ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡିଜେ ବାଜା ନ ବଜାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ରାତି ୧୦ଟା ପରେ ପୂଜା ମଣ୍ଡପରେ ଶବ୍ଦ ପ୍ରଦୂଷଣ ନ କରିବା ଲାଗି କୁହାଯାଇଛି।

# ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିୟା ଏବଂ ପୌରପରିଷଦର ଅଧ୍ୟକ୍ଷା ସରିତା ସାହୁ ଉପସ୍ଥିତ ଥିଲେ। ଗଜଲକ୍ଷ୍ମୀ ପୂଜା ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗ ଏବଂ ଶାନ୍ତି କମିଟିର ମିଳିତ ସହଯୋଗରେ ପୂଜାର ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

*******************************